ସମାଜ™
The Samaja

**Date: 03.04.2017**

# ‘ନିସ୍’କୁ ଶ୍ରେଷ୍ଠ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ମାନ୍ୟତା

ଭୁବନେଶ୍ୱର : ମଦନପୁରସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଡ୍‌ମିନିଷ୍ଟ୍ରେସନ୍ ଚଳିତ ଶିକ୍ଷାବର୍ଷରେ ଉନ୍ନତମାନର ବୈଷୟିକ ଶିକ୍ଷାଦାନ ତଥା ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରଣାଳୀ ପାଇଁ ମୁମ୍ବାଇର ବାନ୍ଦ୍ରାସ୍ଥିତ ହୋଟେଲ ସୋଫିଟେଲଠାରେ ସମ୍ମାନିତ କରାଯାଇଛି । ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରର ସୁନାମଧନ୍ୟ ମାନାଙ୍କ ନିର୍ଦ୍ଧାରଣ ସଂସ୍ଥା ଇଣ୍ଟ୍ରେଡ୍ ଏଜୁକେସନାଲ ଆୱାର୍ଡ଼ ସିଙ୍ଗାପୁର ପକ୍ଷରୁ ନିସ୍ ‘ପାୟୋନିଅର ମ୍ୟାନେଜମେଣ୍ଟ ଇଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଶା-୨୦୧୭’ ଶ୍ରେଷ୍ଠତମ ମାନ୍ୟତା ଉପାଧି ଲାଭ କରିଛି । ଉଚ୍ଚଶିକ୍ଷା ତଥା ବୈଷୟିକ ଶିକ୍ଷାନୁଷ୍ଠାନର ତର୍ଜମା କରାଯାଇ ନିସ୍ ଶିକ୍ଷାନୁଷ୍ଠାନକୁ ଶ୍ରେଷ୍ଠତମ ମାନ୍ୟତା ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଅନୁଷ୍ଠାନର ଡିନ୍ ଡକ୍ଟର ଶ୍ରୁତିକାନ୍ତ ଦୀକ୍ଷିତ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଛନ୍ତି । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ ଏକ ସମ୍ବର୍ଦ୍ଧନା ସଭାରେ ଆୟୋଜନ କରାଯାଇ ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲା ।